ମହାରାଷ୍ଟ୍ର ରାଜ୍ୟ

ବନାମ

ମାରୁତି ଲକ୍ଷ୍ମଣ

ଏପ୍ରିଲ 15,1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 23 (2), 28 ଏବଂ 23 (1 -A) --1984ର ସଂଶୋଧନ ଅଧିନିୟମ 68ର ବ୍ୟବସ୍ଥା ଅନୁଯାୟୀ ବର୍ଦ୍ଧିତ ଲାଭର ଅଧିନିର୍ଣ୍ଣୟ -- ନିର୍ଣ୍ଣୟ ହୋଇଛି, 1984ର ସଂଶୋଧନ ଅଧିନିୟମ 68ର ପ୍ରଚଳନ ତାରିଖର ବହୁ ପୂର୍ବରୁ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇଛି -- ତେଣୁ ବର୍ଦ୍ଧିତ ଲାଭ ପାଇବା ପାଇଁ ଦାବିଦାରମାନେ ହକଦାର ନୁହନ୍ତି -- ଯେହେତୁ ଦାବିଦାରମାନେ ଅଧିକ ବୃଦ୍ଧି ପାଇଁ ଆବେଦନ ଦାଖଲ କରିନଥିଲେ, ତେଣୁ ଏହାକୁ ପ୍ରଦାନ କରିବା ପାଇଁ ଉଚ୍ଚ ନ୍ୟାୟାଳୟର କୌଣସି ଅଧିକାରିତା ନଥିଲା।*

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 7490/1996

16.7.86 ତାରିଖରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଏଫ୍. ଏ. ସଂଖ୍ୟା 647/1977 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି।

ଡି. ଏମ୍. ନାରଗୋଲକର ଆବେଦନକାରୀଙ୍କ ପାଇଁ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଯଦିଓ ଉତ୍ତରଦାତାଙ୍କୁ ନୋଟିସ୍ ଜାରି କରାଯାଇଥିଲା, ତାଙ୍କ ତରଫରୁ କେହି ହାଜର ହୋଇନଥିଲେ।

ଅନୁମତି ପ୍ରଦାନ କରାଗଲା। ଆମେ ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ।

ଜମି ଅଧିଗ୍ରହଣ ଅଧିନିୟମର ଧାରା 4 (1) ଅନୁଯାୟୀ ଅଧିସୂଚନା (ସଂକ୍ଷେପରେ, 'ଅଧିନିୟମ') ଜୁଲାଇ 31,1969 ରେ ପ୍ରକାଶିତ ହୋଇଥିଲା ।ଭୂ-ଅର୍ଜନ ଅଧିକାରୀ ଅକ୍ଟୋବର 12, 1972 ମସିହାରେ ତାଙ୍କର ଅଧିନିର୍ଣ୍ଣୟ ପ୍ରଦାନକରି, କ୍ଷତିପୂରଣ ବାବଦକୁ ଏକର ପିଛା 1,000/ ଟଙ୍କା ପ୍ରଦାନ କରିଥିଲେ । ଏହି ସନ୍ଦର୍ଭରେ, ଫେବୃଆରୀ 18,1977 ମସିହାରେ, ଦେୱାନୀ ଅଦାଲତ ଅଧିନିର୍ଣ୍ଣୟ ଏବଂ ବିଚାରାଦେଶ ଦ୍ୱାରା କ୍ଷତିପୂରଣ ରାଶି 2,000/- ଟଙ୍କାକୁ ବୃଦ୍ଧି କରିଥିଲେ । ଉଚ୍ଚ ନ୍ୟାୟାଳୟ ଜୁଲାଇ 16,1986 ରେ ରାଜ୍ୟ ଆବେଦନକୁ ଖାରଜ କରିବା ସମୟରେ 1984 ର ସଂଶୋଧନ ଅଧିନିୟମ 68 ଅନୁଯାୟୀ ବର୍ଦ୍ଧିତ ଲାଭ ପ୍ରଦାନ କରିଛନ୍ତି। ତେଣୁ ସ୍ୱତନ୍ତ୍ର ଅନ୍ୟମତି ଦ୍ୱାରା ଏହି ଆବେଦନ ଆସିଛି।

ଏହି ଆବେଦନ କେବଳ ଅଧିନିୟମର ଧାରା 23 (2) ଏବଂ 23 (1-A) ଅନୁଯାୟୀ ବର୍ଦ୍ଧିତ ଲାଭ ପ୍ରଦାନ ସମ୍ବନ୍ଧରେ ଅଟେ। ଯଦି ସ୍ଥିରୀକୃତ ଆଇନଗତ ସ୍ଥିତିକୁ ଦୃଷ୍ଟି ଦେବା ଯେ ଦେୱାନୀ ଅଦାଲତଙ୍କ ଅଧିନିର୍ଣ୍ଣୟ 1984 ର ସଂଶୋଧନ ଅଧିନିୟମ 68 ପ୍ରବର୍ତ୍ତନ ତାରିଖର ବହୁ ପୂର୍ବରୁ ପ୍ରଦାନ କରାଯାଇଥିଲା, ତେବେ ଦାବିଦାର ବର୍ଦ୍ଧିତ ଲାଭ ପାଇବାକୁ ହକଦାର ନୁହଁନ୍ତି। ତାହା ବ୍ୟତୀତ, ଏହା ମଧ୍ୟ ସ୍ଥିରୀକୃତ ଆଇନଗତ ସ୍ଥିତି ଯେ ଉଚ୍ଚ ନ୍ୟାୟାଳୟ, ଆବେଦନକାରୀଙ୍କ ଆବେଦନକୁ ଖାରଜ କରିବା ସମୟରେ, ଅତିରିକ୍ତ ସୁବିଧା ପ୍ରଦାନ କରିବା ପାଇଁ କୌଣସି ଅଧିକାରିତା କ୍ଷେତ୍ର ନଥିଲା କାରଣ ଦାବିଦାରମାନେ ଅଧିକ ବୃଦ୍ଧି

ପାଇଁ କୌଣସି ଆବେଦନ ଦାଖଲ କରିନଥିଲେ । ତେଣୁ, କୌଣସି ଅତିରିକ୍ତ କ୍ଷତିପୂରଣ ପ୍ରଦାନ କରାଯିବାର ଅନୁପସ୍ଥିତିରେ, 1984 ର ସଂଶୋଧନ ଅଧିନିୟମ 68 ର ବ୍ୟବସ୍ଥା ଅନୁଯାୟୀ ଲାଭ ପ୍ରଦାନ କରିବାକୁ ଉଚ୍ଚ ନ୍ୟାୟାଳୟର କୌଣସି ଅଧିକାରିତା ନାହିଁ।

ତଦନୁସାରେ ଆବେଦନକୁ ଅନୁମତି ଦିଆଗଲା । ଧାରା 23 (2), 28 ଏବଂ 23 (1-A) ଅନୁଯାୟୀ ସହାୟତା, ସୁଧ ଏବଂ ଅତିରିକ୍ତ ରାଶି ପ୍ରଦାନ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଗ୍ରାହ୍ୟ କରାଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ।

ଜି. ଏନ୍.                                                                                   ଆବେଦନକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।